## ଆଜି ଶହୀଦ ସ୍ମୃତି ଦିବସ

# ଚଳଚଞ୍ଚଳ ରକ୍ତତୀର୍ଥ ଇରମ

ବାସୁଦେବପୁର,୨୭।୯ (ନାରାୟଣ ପ୍ରସାଦ ବାରିକ୍)

୧୯୪୨ ସେପ୍ଟେମ୍ବର ୨୮ରେ ବାସୁଦେବପୁରର ଇରମର ମେଳନ ପଡ଼ିଆରେ ସଙ୍ଗଠିତ ହୋଇଥିଲା ଐତିହାସିକ ଗୁଳିକାଣ୍ଡ। ସଂଗ୍ରାମୀଙ୍କ ଇଂରେଜ ସରକାର ବିରୋଧରେ ଯେଉଁ ସଂଗ୍ରାମ ଚାଲିଥିଲା ତାହାର କେନ୍ଦ୍ରସ୍ଥଳ ଥିଲା ଇରମ ମେଳନ ପଡ଼ିଆ। ନଦୀଘେରଦ ଅଞ୍ଚଳର ଗମେଇ ଓ କାଂଶବାଂଶ ପରିଧି ମଧ୍ୟରେ ଆସୁଥିବା ଅଞ୍ଚଳର ସଂଗ୍ରାମୀମାନେ ଇରମରେ ନିୟମିତ ସଭାସମିତି କରି ସ୍ୱାଧୀନତା ସଂଗ୍ରାମକୁ ବଳବତ୍ତର ରଖିଥିଲେ। ଇଂରେଜ ସରକାରଙ୍କ ନରସଂହାର ଗୁଳିକାଣ୍ଡରେ ୨୯ଜଣ ସଂଗ୍ରାମୀ ଶହୀଦ ହୋଇଥିବା ବେଳେ ୫୬ରୁ ଊର୍ଦ୍ଧ୍ୱ ସଂଗ୍ରାମୀ ଆହତ ହୋଇଥିଲେ। ଚଳିତବର୍ଷ ବାସୁଦେବପୁରର ରକ୍ତତୀର୍ଥ ଇରମ ଶହୀଦ ପୀଠରେ ପାଳନ ହେବ ୮୨ତମ ଶହୀଦ ସ୍ମୃତି ଦିବସ। ଏଥିପାଇଁ ଇରମ ଚଳଚଞ୍ଚଳ ହୋଇଉଠିଛି। ସ୍ଥାନୀୟ ଶହୀଦ ସ୍ମୃତି କମିଟି ପକ୍ଷରୁ ଏହି ଦିବସ ପାଳନ ଅବସରରେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ସକାଳେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରୀ, ପତାକା ଉତ୍ତୋଳନ, ଶହୀନ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ, ଶହୀଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଗାର୍ଡ ଅଫ୍ ଅନର, ସନ୍ଧ୍ୟାରେ ସାଧାରଣ ସଭା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।


ଶହୀଦ ସ୍ମୃତି ପୀଠ।

୨୯ଜଣ ଶହୀଦଙ୍କ ମଧ୍ୟରୁ ଅବିଭକ୍ତ ପଦ୍ମୁଆଁ ଗ୍ରାମରେ ୧୭ଜଣ ଶହୀଦ ହୋଇଥିଲେ। ଭାରତଛାଡ଼ ଆନ୍ଦୋଳନରେ ମହିଳା ଶହୀଦ ପରିବେୱା ଓ ସର୍ବ କନିଷ୍ଠତମ ଶହୀଦ ବିଜୁଳି ଦାସଙ୍କ ସମେତ ସମସ୍ତ ଶହୀଦ ଇରମ ଓ ବାସୁଦେବପୁରର ଗୌରବକୁ ସର୍ବଭାରତୀୟସ୍ତରରେ ମହିମାମଣ୍ଡିତ କରିଛନ୍ତି। କିନ୍ତୁ ଏଭଳି ଏକ ଐତିହାସିକ ଗୁଳିକାଣ୍ଡ ଓ ଦେଶପ୍ରେମର ଆତ୍ମବଳିଦାନର ସତ୍ୟକୁ ତତ୍କାଳୀନ ସମୟର ଐତିହାସିକ, କେନ୍ଦ୍ର ଓ ରାଜ୍ୟ ସରକାର ଠିକ୍ ଭାବେ ଉପସ୍ଥାପିତ ତଥା ଗୁରୁତ୍ୱ ଦେଇ ନ ଥିବାରୁ ଇରମ ଶହୀଦ ପୀଠ ଆଜି ଅବହେଳିତ। କୌଣସି ପାଠ୍ୟପୁସ୍ତକରେ ଛାତ୍ରୀଛାତ୍ର ଓ ଯୁବତୀ ଯୁବକଙ୍କ ଜାଣିବା ଉଦ୍ଦେଶ୍ୟରେ ସରକାରୀ ଭାବେ ବ୍ୟବସ୍ଥା ସରକାର କରିପାରିନାହାନ୍ତି। ଇରମ ଗୁଳିକାଣ୍ଡ ପୂର୍ବରୁ ବାସୁଦେବପୁର ଥାନାରୁ ଇରମ ଜମିଦାର ଉଆସ ଅଭିମୁଖେ ଯାଇଥିବା ବ୍ରିଟିଶ ଫୌଜର ପୋଷାକରେ ପରିସ୍ରା କରି ନିଆଁ ଲଗାଇବାକୁ ଉଦ୍ୟମ କରିଥିବା ସଂଗ୍ରାମୀ ମଣିବେଜ ହୁଅନ୍ତୁ କି ବ୍ରିଟିଶ ଫୌଜକୁ ଗମେଇ ନଦୀଘାଟରେ ଡଙ୍ଗାରେ ପାର୍ ନ କରି ଆକ୍ରମଣର ଶିକାର ହୋଇଥିବା କୁଶ ତରାଇ ହୁଅନ୍ତୁ, ତାଙ୍କ ବୀରତ୍ୱର ପଟାନ୍ତର ନାହିଁ। ଦୀର୍ଘ ୮୨ ବର୍ଷ ମଧ୍ୟରେ ବଦଳିଛି ଭାରତବର୍ଷର ଅର୍ଥନୀତି। ଭାରତ ଏକ ସମୃଦ୍ଧି ଓ ବିକାଶ ପଥରେ ଆଗେଇ ଚାଲିଥିବା ବେଳେ ଏହି ଶହୀଦ ଓ ସଂଗ୍ରାମୀଙ୍କ ପରିବାରର ସାମାଜିକ ଓ ଅର୍ଥନୈତିକ ମାନଦଣ୍ଡ ବଦଳିନି। ଅତି ଦୟନୀୟ ଭାବେ ଶହୀଦ ଓ ସଂଗ୍ରାମୀଙ୍କ ପରିବାରର ପରବର୍ତ୍ତୀ ପିଢ଼ି ଜୀବନ ବିତାଉଛନ୍ତି। ଯାହାକି ଦୁଃଖ ଓ ପରିତାପର ବିଷୟ। ଅତୀତରେ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅବସରରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶହୀଦ ପୀଠର ପୂର୍ଣ୍ଣ ବିକାଶ ହୋଇପାରି ନାହିଁ। ଜାତୀୟ ସ୍ମାରକୀର ମାନ୍ୟତା ଦାବି ଏବେ ବି ଅପହଞ୍ଚ। ତେବେ ବିଳମ୍ବରେ ହେଲେ ମଧ୍ୟ ୨୦୧୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଶହୀଦ ପୀଠକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେଇଥିଲେ। ତତ୍କାଳୀନ ମନ୍ତ୍ରୀ, ବାସୁଦେବପୁର ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୀଠର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ତାଙ୍କ ପୁଅ ତଥା ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏହି ବିକାଶଧାରାକୁ ତ୍ୱରାନ୍ୱିତ କରିଥିଲେ। ତାଙ୍କ ଉଦ୍ୟମରେ ତତ୍କାଳୀନ ରାଜ୍ୟ ସରକାର ପୀଠର ଉନ୍ନତୀକରଣ ପାଇଁ ୨.୪୭ କୋଟି ଟଙ୍କା ପୂର୍ବବର୍ଷ ମଞ୍ଜୁର କରିଥିବା ବେଳେ କାର୍ଯ୍ୟ ଚାଲୁ ରହିଛି। ନଅଣପୋଖରୀର ସୌନ୍ଦର୍ଯ୍ୟକରଣ ସମେତ ବିବିଧ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ସେହିପରି ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଆର୍ଥିକ ଅନୁଦାନ ଓ ସହଯୋଗରେ ଇରମର ଗୌରବ ବଢ଼ାଇବା ପାଇଁ ଚାଟେରି ଛକଠାରେ ଏକ ଆକର୍ଷଣୀୟ ଗେଟ୍ ନିର୍ମାଣ କରାଯିବା ସହ ଶହୀଦ ସ୍ମୃତିସ୍ତମ୍ଭଠାରେ ସବୁଦିନ ଜାତୀୟ ପତାକା ଉଡ଼ିବା ପାଇଁ ତାଙ୍କ ଆଞ୍ଚଳିକ ଅନୁଦାନ ପାଣ୍ଠିର ବ୍ୟୟବରାଦରେ ଏକ ପ୍ରକଳ୍ପ ନିର୍ମାଣ କରାଯାଇଛି। ଯାହାକି ଶହୀଦ ପୀଠର ଗୌରବ ବଢ଼ାଇଛି। ଏହି ପୀଠର ସର୍ବାଙ୍ଗୀନ ବିକାଶ ଓ ଶହୀଦଙ୍କ ସ୍ମୃତିରକ୍ଷା ପାଇଁ ବହୁ କାର୍ଯ୍ୟ ବାକି ରହିଛି। ଏ ଦିଗରେ କାର୍ଯ୍ୟ କରିବେ ବୋଲି ବିଧାୟକ ଅଶୋକ କୁମାର ଦାସ କହିଛନ୍ତି। ଶହୀଦଙ୍କ ଆତ୍ମବଳିଦାନ ଓ ସଂଗ୍ରାମୀଙ୍କ ତ୍ୟାଗଦୀପ୍ତ କାର୍ଯ୍ୟ ପାଇଁ ସ୍ୱାଧୀନତା ପାଇଛନ୍ତି। ସେମାନଙ୍କ ସ୍ମୃତିରକ୍ଷା ଓ ଏହି ପୀଠ ଭିତ୍ତିଭୂମିର ବିକାଶ ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ବିଧାୟକ କହିଛନ୍ତି।

## ସଂକ୍ଷେପରେ

### ପୌରପାଳିକା ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

ଭଦ୍ରକ,୨୭।୯(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ପୌରପାଳିକା ପକ୍ଷରୁ ଶୁକ୍ରବାର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ୱାର୍ଡସ୍ତରୀୟ ସଫେଇ, ସାଇକେଲ ରାଲି, 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଛି। ପୌରପାଳିକା ଆନୁକୂଲ୍ୟରେ ବନ୍ତଛକ ବସ୍‌ଷ୍ଟାଣ୍ଡଠାରେ ସମୂହ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୌରଯନ୍ତ୍ରୀ ପ୍ରହ୍ଲାଦ ମହାପାତ୍ର, ଦେବାନନ୍ଦ ଭଟ୍ଟାଚାର୍ଯ୍ୟ, ମୁଖ୍ୟ ସହାୟକ ରଣଜିତ୍ ମିଶ୍ର, ଅଶ୍ୱିନୀ କୁମାର ବେହେରା, ବରିଷ୍ଠ ସହାୟକଙ୍କ ସହ ପୌରପାଳିକାର ସମସ୍ତ କର୍ମଚାରୀ ଏବଂ ସ୍ୱଚ୍ଛସାଥୀ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଶିଶୁ ମହୋତ୍ସବ 'ସୁରଭି'

ଧାମନଗର,୨୭।୯ (ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକ ଧୁଷୁରୀ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମୂରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆନ୍ୟତମ ଅତିଥି ଭାବେ ଧୁଷୁରୀ ପଞ୍ଚାୟତ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ପରିଡ଼ା, ଶିକ୍ଷକ ନୃସିଂହ ନାୟକ, ନରେନ୍ଦ୍ର ଗୋସ୍ୱାମୀ, ସମୀର ଗୋସ୍ୱାମୀ, ନିରଞ୍ଜନ ପ୍ରଧାନ, ବ୍ରହ୍ମାନନ୍ଦ ନାୟକ, ତୃପ୍ତି ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଅଭୟ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ୧୨ ବିଦ୍ୟାଳୟରୁ ୧୨୩ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶିକ୍ଷକ ଜ୍ୟୋତି ରଞ୍ଜନ ମହାପାତ୍ର, ପ୍ରମୋଦ ନାଏକ, ଶ୍ରୀଧର ବେହେରା, ଶୁଭେନ୍ଦୁ ମାଝୀ, ସଦାନନ୍ଦ ବେହୁରିଆ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା, ତନିଶା ନାଥ, ସୌମ୍ୟା ପ୍ରଧାନ, ଅଳକା ମିଶ୍ର, ସ୍ମୃତିରେଖା ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ


ଅତିଥିଙ୍କ ସହ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର।

ଭଦ୍ରକ,୨୭।୯(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନଠାରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲ ଓ କଲେଜସ୍ତରରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୁଇଜ୍ ମାଷ୍ଟର ରୂପେ ଆର୍‌ଆଇ ଶ୍ୟାମସୁନ୍ଦର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହାଇସ୍କୁଲ ସ୍ତରରେ ଅଂଶଗ୍ରହଣ କରିଥିବା ୫ ଦଳ ମଧ୍ୟରୁ ଭଦ୍ରକ ଜିଲ୍ଲା ସ୍କୁଲ ପ୍ରଥମ, ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ଚରମ୍ପା ରାମଚନ୍ଦ୍ର ବିହାରୀ ଲାଲ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି। ମହାବିଦ୍ୟାଳୟ ସ୍ତରରେ ଅଂଶଗ୍ରହଣ କରିଥିବା ସମୁଦାୟ ୬ଟି ଦଳ ମଧ୍ୟରେ ଭଦ୍ରକ ମହିଳା ମହାବିଦ୍ୟାଳୟ ପ୍ରଥମ, ଭଦ୍ରକ ମହାବିଦ୍ୟାଳୟ ଦ୍ୱିତୀୟ ଓ ସାଲନ୍ଦୀ ଡିଗ୍ରୀ ମହାବିଦ୍ୟାଳୟ ୩ୟ ହୋଇଛି। ଆୟୋଜିତ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପର୍ଯ୍ୟଟନ ଦିବସ ପାଳନର ଆଭିମୁଖ୍ୟ, ପର୍ଯ୍ୟଟନ ସ୍ଥାନର ପ୍ରାକୃତିକ ପରିବେଶ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସହାୟକ ଜିଲ୍ଲାପାଳ ସୁଧାଂଶୁ ମୋହନ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସହାୟକ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଚିତ୍ତରଞ୍ଜନ ସେଠୀ, ସହାୟକ ଜିଲ୍ଲାପାଳ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାର ବିଜେତା ଦଳଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ବନମାଳୀ ପ୍ରଧାନ, ସ୍ୱାଗତିକା ସାହୁ, ଓଁକାର ଦାସ, ସୁମନ କୁମାର ବେଦାନ୍ତ, ଆଇଜାକ୍ ମହାନ୍ତି, ରାକେଶ କୁମାର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରହଣିଆ ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି


ଶିଶୁ ମହୋତ୍ସବରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ, ୨୭।୯(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟବକ୍ତା ଓ ଶିକ୍ଷା ସଂଯୋଜକ ତ୍ରିଲୋଚନ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କ୍ଲଷ୍ଟର ଅଧୀନ ୧୧ ବିଦ୍ୟାଳୟରୁ ମୋଟ ୭୨ଜଣ ପ୍ରତିଯୋଗୀ ବରିଷ୍ଠ ଓ କନିଷ୍ଠ ବର୍ଗରେ ୨୪ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ତାପସ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାଣିଘେରରେ ୭ ପରିବାର, ସ୍ୱାସ୍ଥ୍ୟ ଉପକେନ୍ଦ୍ର

ତିହିଡ଼ି,୨୭।୯(ସଞ୍ଜିତ ବଳ)

ଲଗାଣ ବର୍ଷା ଯୋଗୁ ଉଛୁଳି ପଡ଼ିଛି ପୋଖରୀ। ପୋଖରୀରୁ ବି ନିଷ୍କାସନ ହୋଇପାରୁନି ପାଣି। ଫଳରେ ତିହିଡ଼ି ବ୍ଲକର କୋହ୍ଲ ପଞ୍ଚାୟତ ଅଧୀନ କୋହ୍ଲ ବଜାର ନିକଟରେ ବସବାସ କରୁଥିବା ୭ ପରିବାର ଓ କୋହ୍ଲ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଜଳଘେରରେ ରହିଛି। ସେହି ପରିବାରର ସଦସ୍ୟମାନେ ଶୁକ୍ରବାର ଏ ସମ୍ପର୍କରେ ବିଡିଓଙ୍କ ନିକଟରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ସେ ଛୁଟିରେ ଥିବାରୁ ସେମାନେ ଅଫିସ୍‌ର ମୁଖ୍ୟ କିରାଣିଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, କୋହ୍ଲ ବଜାର ନିକଟରେ ଥିବା ଏକ ବିରାଟ ପୋଖରୀ ଲଗାଣ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ରୂପେ ବୁଡ଼ିଯାଇଛି। ପୋଖରୀରୁ ପାଣି ନିଷ୍କାସନ ପାଇଁ କଂକ୍ରିଟ ରାସ୍ତା ତଳେ ଥିବା ଶୋଠ ବନ୍ଦ ହୋଇଯାଇଛି। ଫଳରେ ପୋଖରୀ ପାଣିରେ ସେମାନଙ୍କ ଯାତାୟାତ ରାସ୍ତା ବୁଡ଼ିଯାଇଥିବା ବେଳେ ୭ ପରିବାର ପାଣିଘେରରେ ରହିଯାଇଛନ୍ତି।

## ବର୍ଷାରେ ପୋଖରୀ ଉଛୁଳି ବୁଡ଼ିଛି ରାସ୍ତା


ବର୍ଷାପାଣିରେ ରାସ୍ତା ବୁଡ଼ି ରହିଛି।

ଯାହାଦ୍ୱାରା ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୋହ୍ଲ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମଧ୍ୟ ପାଣିଘେରରେ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ସମ୍ଭବ ହୋଇପାରୁ ନାହିଁ। ତୁରନ୍ତ ପାଣି ନିଷ୍କାସନର ବ୍ୟବସ୍ଥା କରାଯିବା କିମ୍ବା ନିଷ୍କାସନ ପାଇଁ ଅନୁମତି ଦେବାକୁ ପ୍ରକାଶ ଚନ୍ଦ୍ର ରାଉତ, ରଣଜିତ ଭୋଇ, ନାଗାର୍ଜୁନ ବାରିକ, ସରସ୍ୱତୀ ମଲିକ, ଗୀତାଞ୍ଜଳି ଭୋଇ, ଶାନ୍ତିଲତା ଦାସ ପ୍ରମୁଖ ଦାବି ଜଣାଇଛନ୍ତି।

# 'କର୍ତ୍ତବ୍ୟନିଷ୍ଠ ଶିକ୍ଷକ ସମ୍ମାନର ଅଧିକାରୀ'

ବନ୍ତ,୨୭।୯(ହରି ନାରାୟଣ ମହାନ୍ତି)

କର୍ତ୍ତବ୍ୟନିଷ୍ଠ ଶିକ୍ଷକ ସବୁବେଳେ ସମ୍ମାନର ଅଧିକାରୀ ହୋଇଥାନ୍ତି ବୋଲି ଶୁକ୍ରବାର ବନ୍ତ ବ୍ଲକ ଟିଲୋ ପଞ୍ଚାୟତର ପୋଡାପାଟଣାସ୍ଥିତ ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାୟକଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ କହିଥିଲେ। ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଡ.ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା, ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ହରେକୃଷ୍ଣ ଆପଟ, ଏବିଇଓ ପ୍ରମୋଦ କୁମାର ପଣ୍ଡା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଜଗନ୍ନାଥ ଖୁଣ୍ଟିଆ, ପ୍ରଶାନ୍ତ କୁମାର ବେହେରା, ସୁବାସ ଦାସ, ରବୀନ୍ଦ୍ର ଦାସ, ଶ୍ୟାମ ସୁନ୍ଦର ଦାସ, ଅଶୋକ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ବାରିକ, ନରେନ୍ଦ୍ର କୁମାର ବାରିକ ଓ ପ୍ରଶାନ୍ତ ରାଉତ ଯୋଗ ଦେଇଥିଲେ। ଶିକ୍ଷକ ସୁଧୀର କୁମାର ବାରିକ ଅତିଥି ପରିଚୟ ପ୍ରଦାନ ଓ ସିଆର୍‌ସିସି କୂଳପ୍ରଭା ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଭବାନୀ ଶଙ୍କର ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାବଲମ୍ବୀ କାରିଗର, ଗ୍ରାମୀଣ ଜଳଯୋଗାଣ କର୍ମଚାରୀଙ୍କ ଧାରଣା

ବାସୁଦେବପୁର,୨୭।୯ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱାବଲମ୍ବୀ କାରିଗର ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀମାନେ ଶୁକ୍ରବାର ସେମାନଙ୍କ ଦାବି ପୂରଣ ପାଇଁ ଧାରଣା ଦେଇଛନ୍ତି। ପାନୀୟ ଜଳ ଯୋଗାଣ ଭଳି ଏକ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଥିବା ନଳକୂପ ମରାମତି ମେକାନିକ ଓ ପମ୍ପ ଚାଳକମାନଙ୍କ ଦୀର୍ଘଦିନର ମାସିକ ପାରିଶ୍ରମିକ, ଭତ୍ତା ନ ମିଳିବା ପ୍ରତିବାଦରେ ସ୍ୱାବଲମ୍ବୀ କାରିଗର ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଧାରଣାରେ ବସିଥିଲେ। ସଂଘ ସଭାପତି ଭାସ୍କର ଚନ୍ଦ୍ର ଘଡ଼େଇଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ କର୍ମଚାରୀମାନେ ଧାରଣାରେ ସାମିଲ ଥିଲେ। ଏନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ବିଡିଓ ସଞ୍ଜୀବ ସାହୁଙ୍କୁ ପ୍ରଦାନ କରାଯାଇଛି। ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କୃଷି ସମବାୟ ସମିତିରେ ତାଲା ପକାଇଲେ ମହିଳା

ଭଣ୍ଡାରିପୋଖରୀ,୨୭।୯ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ପ୍ରାଥମିକ କୃଷି ସମବାୟ ସମିତିରେ ରଣ ମଞ୍ଜୁରରେ ଟାଳଟୁଳ ନୀତି ପ୍ରତିବାଦରେ ମହିଳାମାନେ ଶୁକ୍ରବାର ତାଲା ପକାଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଉକ୍ତ ପାକ୍ସ ଅଧୀନ ଜଳହରୀ, ଚତୁର୍ଭୁଜପୁର ଓ ବାହାଣିଆ ଗ୍ରାମର ମୋଟ ୭ଟି ଜିଏଲ୍‌ଜି ଗୋଷ୍ଠୀର ୨୮ଜଣ ମହିଳା ଏକ ଯୋଜନାରେ ବର୍ଷେ ହେବ ରଣ ପାଇଁ ଦରଖାସ୍ତ କରିଥିଲେ। ରଣ ମଞ୍ଜୁର ପାଇଁ ଆବେଦନକାରୀଙ୍କଠାରୁ ଅର୍ଥ ନିଆଯାଇଥିଲା। ବାରମ୍ବାର ସମିତିକୁ ଦୌଡ଼ିବା ପରେ ଗୁରୁବାର ରଣ ମଞ୍ଜୁର ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ରଣ ମଞ୍ଜୁର ହୋଇ ନ ଥିଲା। ସମିତିର ୨ଜଣ କର୍ମଚାରୀ ଆବେଦନକାରୀ ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ରଣ ପାଇଁ ଅଧିକ ଅର୍ଥ ଦାବି କରିଥିଲେ। ଏହାର ପ୍ରତିବାଦ କରି ସଭାପତି ବିଦ୍ୟୁତ୍‌ପ୍ରଭା ପରିଡ଼ା, ଧରିତ୍ରୀ ପରିଡ଼ା, ଉମାରାଣୀ ସେଠୀ, କାମିନୀ ଯେନା, ରୂପାରାଣୀ ଯେନା, ସାଜିତା ରାଉତ, ସଞ୍ଜୁଲତା ପରିଡ଼ା, ସରସ୍ୱତୀ ଯେନା ପ୍ରମୁଖ ଗୁରୁବାର ଥାନାରେ ଅଭିଯୋଗ କରି ଶୁକ୍ରବାର ସମିତିରେ ତାଲା ପକାଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ତାଲା ଖୋଲାଯାଇଥିଲା। ସମିତି ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ ଅର୍ଥ ଆଦାୟକୁ ଅସ୍ୱୀକାର କରିବା ସହ ରଣ ଫାଇଲରେ ସଭାପତି ସ୍ୱାକ୍ଷର କଲେ ରଣ ମଞ୍ଜୁର ହେବ ବୋଲି କହିଛନ୍ତି।

# ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ, ରୋଗୀସେବା ବାଧାପ୍ରାପ୍ତ

ଭଦ୍ରକ,୨୭।୯(ସନାତନ ରାଉତ)

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ କର୍ମଚାରୀମାନେ ୧୦ ଦଫା ଦାବିରେ ଶୁକ୍ରବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ଜିଲ୍ଲା ଚିକିତ୍ସାଳୟରେ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ନର୍ସଙ୍କ କାର୍ଯ୍ୟବନ୍ଦ ଯୋଗୁ ଡାକ୍ତରଖାନାରେ ଭର୍ତ୍ତି ହୋଇ ରହିଥିବା ରୋଗୀମାନଙ୍କ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। ସାଲାଇନ ଲଗାଇବା, ଇଞ୍ଜେକ୍ସନ ନେବା ପାଇଁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବୁଧବାରଠାରୁ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। କେବଳ ଜରୁରୀକାଳୀନ ସେବା ଜାରି ରହିଥିଲା। ଦୁଇଦିନର ଆନ୍ଦୋଳନ ପରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ଆଣି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଜିଲ୍ଲା ସଂଘର ସଭାନେତ୍ରୀ ନିରୁପମା ଦାସ, ସମ୍ପାଦକ ସତ୍ୟବ୍ରତ ଗିରି, ରଶ୍ମିତା ମହାନ୍ତି, ବିଜୟଲକ୍ଷ୍ମୀ ଜେନା, କବିତା ଦାସ, ଜ୍ୟୋତ୍ସ୍ନାମୟୀ ଶତପଥୀ, ଦେବାଶିଷ ବେହେରା, ପ୍ରିୟଙ୍କା ସାହୁ, ସବ୍ୟସାଚୀ ରାଉତ, ମଧୁସ୍ମିତା ନାୟକ, ଦମୟନ୍ତୀ ସେଠୀ, ଇତିଶ୍ରୀ ନନ୍ଦିତା ବାରିକଙ୍କ ସମେତ ନର୍ସିଂ କର୍ମଚାରୀମାନେ ଧାରଣାରେ ବସିଥିଲେ।



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଧାରଣା ଦେଇଥିବା ନର୍ସିଂ କର୍ମଚାରୀମାନେ।

# ପଞ୍ଚାୟତର ବିକାଶ ସମସ୍ତଙ୍କ ଦାୟିତ୍ୱ: ଏମ୍‌ପି

**ପଞ୍ଚାୟତ ସମିତି ବୈଠକ**
- ୧୩ ମାସ ପରେ ବୈଠକ ହେଉଥିବାରୁ କ୍ଷୋଭ
- ବିଭିନ୍ନ ଅଧିକାରୀଙ୍କ ଅନୁପସ୍ଥିତି ନେଇ ତାଗିଦ୍

ବନ୍ତ,୨୭।୯ (ହରି ନାରାୟଣ ମହାନ୍ତି)


ବୈଠକରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ଲୋକପ୍ରତିନିଧି ଓ ଅଧିକାରୀମାନେ।

ପଞ୍ଚାୟତର ବିକାଶ କିପରି ହେବ ଏବଂ ସାଧାରଣ ଲୋକଙ୍କ ସମସ୍ୟା କିପରି ସମାଧାନ ହେବ ତାହା ସମସ୍ତଙ୍କ ଦାୟିତ୍ୱ। ଶୁକ୍ରବାର ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକରେ ଏମ୍‌ପି ଅଭିମନ୍ୟୁ ସେଠୀ କହିଛନ୍ତି। ପ୍ରତି ୩ ମାସରେ ଥରେ ବୈଠକ ହେବାକୁ ନିୟମ ଥିବାବେଳେ ଏବେ ୧୩ ମାସ ପରେ ୫ମ ବୈଠକ ହେଉଥିବାରୁ ଏମ୍‌ପି କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ବୈଠକରେ ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ପୂର୍ତ୍ତ, ଉଠା ଜଳସେଚନ, କୃଷି, ଉଦ୍ୟାନ, ଶିକ୍ଷା, ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ଏମ୍‌ପି କ୍ଷୋଭ ପ୍ରକାଶ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ୍ କରିଥିଲେ।

ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବିଡିଓ ପ୍ରଦୀପ କୁମାର ସେଠୀ, ତହସିଲଦାର ସାରା ହେମ୍ବ୍ରମ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ ଓ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ ଯୋଗ ଦେଇଥିଲେ। ୧୩ ମାସ ହେବ ବୈଠକ ହୋଇ ନ ଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷର ଆକ୍ସନ ପ୍ଲାନ କିପରି ପ୍ରସ୍ତୁତ କରାଗଲା ବୋଲି ସେଣ୍ଟଟୀରା ସମିତିସଭ୍ୟ ପ୍ରେମାନନ୍ଦ ନାୟକ ପ୍ରଶ୍ନ କରିଥିଲେ। ଆଜିର ବୈଠକରେ ଯାହା ଆଲୋଚନା ହୋଇଛି, ତାହାର ରିଜୋଲେସନ କପି ୭ ଦିନ ମଧ୍ୟରେ ସମସ୍ତ ପିଆର୍‌ଆଇ ମେମ୍ବରଙ୍କୁ ପ୍ରଦାନ କରିବାକୁ ଏମ୍‌ପି କହିଥିଲେ। ବୈଠକରେ ସର୍ବଦା ଶୃଙ୍ଖଳା ଓ ସମସ୍ତ ପ୍ରକ୍ରିୟା ପାଳନ କରିବା ଉଚିତ୍ ବୋଲି ଏମ୍‌ପି କହିଥିଲେ। ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରାଯିବା ଓ ୧୧କେଭି ତାରକୁ ପରିବର୍ତ୍ତନ କରାଯାଇ କେବୁଲ ଲଗାଇବା ପାଇଁ ସମିତିସଭ୍ୟ ପରମେଶ୍ୱର ବାରିକ ଦାବି କରିଥିଲେ। ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଚାଲୁ ନ ଥିବା ବେଳେ ଅଯଥାରେ ବିଦ୍ୟୁତ୍ ବିଲ୍ ଆଦାୟ କରାଯାଉଥିବା କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ କୁମାର ଜେନା ଅଭିଯୋଗ କରିଥିଲେ। ବିଭାଗୀୟ କର୍ମଚାରୀ ବିଦ୍ୟୁତ୍ ସମସ୍ୟାର ସମାଧାନ କରିପାରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ ପୁରୁଷଣ୍ଡ ସରପଞ୍ଚ ପ୍ରକାଶ କୁମାର ବିଶ୍ୱାଳ। ପଞ୍ଚାୟତରେ ହାଇମାଷ୍ଟ ଲାଇଟ୍ ଲାଗିଥିଲେ ମଧ୍ୟ ତାହା ଜଳୁ ନ ଥିବାବେଳେ ବିଦ୍ୟୁତ୍ ବିଲ୍ ଲାଗୁଛି ବୋଲି ବିଟିପୁର ସରପଞ୍ଚ ଅଭିଯୋଗ କରିଥିଲେ। ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଶତାଧିକ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେଉଥିବା ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା କହିଥିଲେ। ଚକ୍ରାପାଢ଼ୀରୁ ଇଚୁଆ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଚାରିଗାଁ ସମିତିସଭ୍ୟ ଧରଣୀଧର କର କହିଥିଲେ। ସମସ୍ତ ବିଭାଗ ଅଧିକାରୀ ଓ ଜନପ୍ରତିନିଧିମାନଙ୍କୁ ନେଇ ଏକ ଷ୍ଟାଣ୍ଡିଂ କମିଟି ଗଠନ କରିବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ବୈଠକରେ ଭାରପ୍ରାପ୍ତ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଶାକର ଖୁଣ୍ଟିଆ, ମିତ୍ରଭାନୁ ସ୍ୱାଇଁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଲାଇନ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ, ୨୫ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଘର, ଆସବାବପତ୍ର ଜଳିଗଲା

ଯୋଡ଼ା,୨୭।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୱାର୍ଡ଼ ନଂ. ୬ ବାଚୁହଟିଂର ସନ୍ତୋଷ ମହାନ୍ତଙ୍କ ଘରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଘର ଜଳିଯାଇଛି। ସନ୍ତୋଷ ମହାନ୍ତ ଆପାହାତୁ ଖଣିକୁ ଡ୍ୟୁଟିରେ ଯାଇଥିଲେ। ତାଙ୍କ ସ୍ତ୍ରୀ ପୌରପାଳିକାର ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟକୁ କାମ କରିବାକୁ ଯାଇଥିବା ବେଳେ ପୁଅ ସ୍କୁଲକୁ ଯାଇଥିଲେ। ଏହି ସମୟରେ ଘରେ ନିଆଁ ଲାଗିଥିବା ବେଳେ ସ୍ଥାନୀୟ ଲୋକେ ସନ୍ତୋଷଙ୍କୁ ଜଣାଇବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଥିଲା।

### ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଉଜ୍ଜୀବିତ କରେ ସୁରଭି

ଢେଙ୍କିକୋଟ,୨୭।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି ୨୦୨୪ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ମୁଖ୍ୟ ସିଆରସିସି ସଚ୍ଚିଦାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଣ୍ଡିବେଡ଼ା ଉଚ୍ଚ ବିଦ୍ୟାଳୟ, ମୁଦ୍ରାବେଡ଼ା ଉଚ୍ଚ ବିଦ୍ୟାଳୟ, ଢେଙ୍କିକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସତ୍ୟନାରାୟଣ ବିଦ୍ୟାପୀଠ ଢେଙ୍କିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢେଙ୍କିକୋଟ ପ୍ରାଥମିକ ବିଦ୍ୟାଳୟ, କପାସପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଶିବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ଢେଙ୍କିକୋଟ ସତ୍ୟନାରାୟଣ +୨ କଲେଜର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ଶ୍ରୁତଲିଖନ, ପ୍ରବନ୍ଧ ଲିଖନ ଏବଂ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ, ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି। ସୁରଭି ମାଧ୍ୟରେ ଛାତ୍ରିଛାତ୍ରଙ୍କ ପ୍ରତିଭା ଉଜ୍ଜୀବିତ ହୁଏ ବୋଲି ଅତିଥିମାନେ କହିଥିଲେ। ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଫକିର ଚରଣ ସାହୁ, ଢେଙ୍କିକୋଟ ସରପଞ୍ଚ ଖଇର ନାଏକ ଯୋଗଦେଇଥିଲେ। ଶିକ୍ଷକ ବିଦ୍ୟାଧର ମହାନ୍ତ, ସଦାଶିବ ବେହେରା, ଶିକ୍ଷୟିତ୍ରୀ ଦୀପ୍ତିଶୋଭା ବେହେରା, ସୁଦର୍ଶନ ବାରିକ, ମୀନତି ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ସଭା

ଚମ୍ପୁଆ,୨୭।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚମ୍ପୁଆ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ, ଏମ୍‌ପିଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂ, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ନିର୍ବାହୀ ଅଧିକାରୀ ସୁଜିତ ସ୍ୱାଇଁ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ. ଉମାକାନ୍ତ ସାହୁ, ନିୟନ୍ତ୍ରିତ ବଜାର କମିଟି ସଭାପତି ଦିଗାମ୍ବର ପ୍ରଧାନ, ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଓ ରାସ୍ତା ଘାଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତେ ମିଳିମିଶି ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ ଗୋଟି ୱାର୍ଡର ସମସ୍ୟା ଆଦି ସମାଧାନ କରିବାକୁ ଆଲୋଚନା କରିଥିଲେ।

# ନର୍ଭେରାମ ଖଣିରେ ପରିବହନକୁ ବିରୋଧ

## ଆନ୍ଦୋଳନକାରୀ-ସପକ୍ଷବାଦୀଙ୍କ ମଧ୍ୟରେ ଗଣ୍ଡଗୋଳ

ଯୋଡ଼ା,୨୭।୯(ମାନସ ମହାନ୍ତି)



ଖଣି ନିକଟରେ ଆନ୍ଦୋଳନକାରୀମାନେ।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତର ଟଣ୍ଟୋ ଗ୍ରାମରେ ଥିବା ନର୍ଭେରାମ ପାୱାର ଆଣ୍ଡ୍ ଷ୍ଟିଲ କମ୍ପାନୀର ରୋଇଡା-୨ ଖଣିରେ ଉତ୍ତେଜନା ଦେଖାଯାଇଛି। ଶୁକ୍ରବାର ପରିବହନ କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ଏହାକୁ ଆନ୍ଦୋଳନକାରୀ ବିରୋଧ କରିଥିଲେ। ଫଳରେ ଆନ୍ଦୋଳନକାରୀ ଓ ସପକ୍ଷବାଦୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଘଟଣାସ୍ଥଳରେ ବଡ଼ବିଲ ତହସିଲଦାର ଡି. ଶୁଭଦର୍ଶୀ ଯୋଶୀ ଓ ବଡ଼ବିଲ ଆଇଆଇସି ରମାକାନ୍ତ ମୁଦୁଲି ଫୋର୍ସ ସହ ଉପସ୍ଥିତ ରହିଛନ୍ତି।

ସୂଚନା ଅନୁଯାୟୀ, କମ୍ପାନୀ କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଶୁକ୍ରବାର ଏକ ଆଲୋଚନା ବୈଠକ ବସିଥିଲା। ଏଥିରେ ଆନ୍ଦୋଳନକାରୀଙ୍କ ବିଭିନ୍ନ ଦାବି ନେଇ ଆଲୋଚନା ହୋଇଥିଲେ ହେଁ କମ୍ପାନୀ ପକ୍ଷରୁ ଲିଖିତ ଭାବେ ଦିଆଯାଇ ନ ଥିବାରୁ ଆଲୋଚନା ବିଫଳ ହୋଇଥିଲା। ତେବେ କମ୍ପାନୀ ଆଲୋଚନା ପରେ ପରିବହନ କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ କରିଥିଲା। ଆନ୍ଦୋଳନକାରୀ ଏହାକୁ ବିରୋଧ କରିଥିଲେ। ଫଳରେ କମ୍ପାନୀର ଏକ ସପକ୍ଷବାଦୀ ଗୋଷ୍ଠୀ ସହ ଆନ୍ଦୋଳନକରୀ ମୁହାଁମୁହିଁ ହୋଇଥିଲେ। ଏ ନେଇ ଭଦ୍ରାସାହିର ପୂର୍ବତନ ସରପଞ୍ଚ ଅର୍ଜୁନ ସାଣ୍ଡିଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୀତବାସ ମହାକୁଡ଼ ଓ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି, ଉକ୍ତ ଖଣିରେ ସ୍ଥାୟୀ ନିଯୁକ୍ତି, ପରିବହନ କାର୍ଯ୍ୟ, ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ବିକାଶ କାର୍ଯ୍ୟ ପ୍ରଭୃତି ଦାବି ନେଇ ଗତ ୩ ମାସ ହେବ ଖଣି ସମ୍ମୁଖରେ ଆନ୍ଦୋଳନରେ ବସିଛନ୍ତି। କମ୍ପାନୀ ବିଭିନ୍ନ ସମୟରେ ଏହାର ସମାଧାନ ପାଇଁ ଆଲୋଚନା କରିଥିଲେ ହେଁ ଲିଖିତ ଭାବେ ଦାବି ପୂରଣ କରିବାରେ ପଛଘୁଞ୍ଚା ଦେଉଛି। ଏହାର ସମାଧାନ ନ କରି କମ୍ପାନୀ କିଛି ସ୍ଥାନୀୟ ସପକ୍ଷବାଦୀ ଲୋକଙ୍କୁ ଉସୁକାଇ ପରସ୍ପର ମଧ୍ୟରେ ବିଭେଦ ସୃଷ୍ଟି କରୁଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ଏହାର ସମାଧାନ ପାଇଁ ପ୍ରଶାସନ ଆନ୍ତରିକତା ଦେଖାଉନାହିଁ। ଫଳରେ ଅଞ୍ଚଳରେ ଅଶାନ୍ତି ଲାଗି ରହୁଛି। ଏ ସମ୍ପର୍କରେ କମ୍ପାନୀର ଉପସଭାପତି ସଦାନନ୍ଦ ରଣା କହିଛନ୍ତି, କମ୍ପାନୀର କୋଲ୍‌କାତା କାର୍ଯ୍ୟାଳୟରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ତ ପ୍ରସ୍ତାବକୁ ମାନି ପରିବହନ କାର୍ଯ୍ୟ କରିବା ପାଇଁ ଅନୁରୋଧ କରାଯାଇଥିଲା। ମାତ୍ର ଆନ୍ଦୋଳନକାରୀ ଟନ୍ ପିଛା ୨୦ଟଙ୍କା ଦାବି କରି ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ବହୁ ସମୟରେ କମ୍ପାନୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା କମ୍ପାନୀ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରକାଶଯୋଗ୍ୟ, ଗତ ଜୁନ ୨୬ ତାରିଖରୁ ଭଦ୍ରାସାହି ଗ୍ରାମ ପଞ୍ଚାୟତର ପ୍ରାୟ ୧୩୦୦ ଗ୍ରାମବାସୀ ଏହି ଆନ୍ଦୋଳନ କରିଛନ୍ତି। ଫଳରେ ଖଣିର ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

# ଦୁର୍ବିଷହ ଜୀବନ କାଟୁଛନ୍ତି ଖଣି ପ୍ରଭାବିତ

## ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆରସିଙ୍କ ରିପୋର୍ଟ ତଲବ

କେନ୍ଦୁଝର,୨୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଖଣି ପ୍ରଭାବିତ ଅଞ୍ଚଳର ଲୋକେ ଦୁର୍ବିଷହ ଜୀବନ କାଟୁଛନ୍ତି। ବିଶେଷକରି ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଏସ୍‌ସି, ଏସ୍‌ଟି ବର୍ଗର ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ଦୁଃଖ ଓ ସମସ୍ୟା ଉପରେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ଜିଲାର ଖଣି ପ୍ରଭାବିତ ଅଞ୍ଚଳ ନିକଟରେ ବସବାସ କରୁଥିବା ଗ୍ରାମବାସୀଙ୍କ ଦୁଃଖ ଓ ସମସ୍ୟା ଉପରେ ଏକ ଆକ୍ସନ ଟେକ୍ନ ରିପୋର୍ଟ (ଏଟିଆର୍) ମାଗିଛନ୍ତି। ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଭିତ୍ତିକରି କେସ୍ (ନଂ. ୧୧୦୦/୧୮-୭-୨୪)କୁ ଗ୍ରହଣକରି ୧୯ ସେପ୍ଟେମ୍ବର ୨୦୨୪ରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଖଣି ଖନନ ହେତୁ କେନ୍ଦୁଝର ଜିଲାର ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଆୟୋଗରେ ଅଭିଯୋଗ ହୋଇଛି। ଉପଯୁକ୍ତ ସୁବିଧା ମିଳୁ ନ ଥିବାରୁ ଖଣି କାର୍ଯ୍ୟରେ ଲିପ୍ତ ରହୁଥିବା ଶ୍ରମିକମାନେ ଦୁସ୍ଥ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କ ପାଇଁ କୌଣସି ଉପଯୁକ୍ତ ରାସ୍ତା, ପାନୀୟ ଜଳ, ବିଦ୍ୟାଳୟ ଏବଂ ନିଯୁକ୍ତି ଆଦି ସୁବିଧା ନାହିଁ। ଖଣି ପ୍ରଭାବିତ ଅଞ୍ଚଳରେ ସାମାଜିକ କଲ୍ୟାଣ ଯୋଜନା କାର୍ଯ୍ୟ ଠିକ୍ ଭାବେ କାମ କରୁନାହିଁ। ଏଥିପାଇଁ ପ୍ରଶାସନ କେବଳ ଦାୟୀ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଘଟଣାରେ ହସ୍ତକ୍ଷେପ କରିବାକୁ ଅଭିଯୋଗକାରୀ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ଜିଲାର ଖଣି ଅଞ୍ଚଳରେ ରହୁଥିବା ଗ୍ରାମବାସୀ ମାନବିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଜିଲାର ଜୀବନଶୈଳୀ ଓ ଜୀବନ ଧାରା ବ୍ୟାପକ ଅବନତିଗ୍ରସ୍ତ ପରିବେଶ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ସୂଚାଇଥିଲେ। କମିଶନ ଏହାର ଆଦେଶରେ ଦର୍ଶାଇଛି, ମାନବ ଅଧିକାର ଆଇନ, ୧୯୯୩ ର ବାଧ୍ୟତାମୂଳକ ପ୍ରକ୍ରିୟା ଧାରା ୧୩ ଅନୁଯାୟୀ ଯଦି ଠିକ୍ ସମୟରେ ରିପୋର୍ଟ ଦାଖଲ ନ ହୁଏ ସମ୍ପୃକ୍ତ ଅଧିକାରୀ ବ୍ୟକ୍ତିଗତ ହାଜର ହୋଇ ରିପୋର୍ଟ ଦାଖଲ କରିବେ ବୋଲି କମିଶନ ଆଦେଶ କରିଥିବା ମାନବାଧିକାର କର୍ମୀ କହିଛନ୍ତି।

# ଉନ୍ନୟନ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

## ଚମ୍ପୁଆ ପଞ୍ଚାୟତ ସମିତି ସାଧାରଣ ବୈଠକ

ଚମ୍ପୁଆ,୨୭।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ସମ୍ମିଳନୀ କକ୍ଷରେ ୯ମ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେଶ ନାଏକଙ୍କ ଅଧ୍ୟକ୍ଷତାରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ ଯୋଗଦେଇ ବ୍ଲକ୍‌ରେ ଚାଲିଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ଶୀଘ୍ର ସାରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବିଡିଓ ବିଭିନ୍ନ ବିଭାଗରେ ଆରମ୍ଭ ହେବାକୁ ଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟତଃ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମାଞ୍ଚଳକୁ ପକ୍କା ରାସ୍ତା, ଡ୍ରେନେଜ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଉପରେ ସମ୍ପୃକ୍ତ ବିଭାଗର ଅଧିକାରୀମାନେ କାର୍ଯ୍ୟକାରୀ ହେଉଥିବା ଏବଂ ଆଗକୁ ହେବାକୁ ଥିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଥିବା ସମସ୍ୟାଗୁଡ଼ିକ ଚମ୍ପୁଆ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ସରପଞ୍ଚଙ୍କ ଦ୍ୱାରା ଆଗତ ଅଭିଯୋଗର ସମାଧାନ ପାଇଁ ସେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍‌ର ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଏମ୍‌ପି ପ୍ରତିନିଧି ସିଦ୍ଧାର୍ଥ ସିଂ, ବିଡିଓ ରାଜା ରଣଜିତ ପ୍ରତାପ ବଳ, ବିଡିଓ ଚୁନୁ ହାଁସଦା, ଜିଲା ପରିଷଦ ସଭ୍ୟା ରମଣୀ ନାଏକ ପ୍ରମୁଖ ଉପସ୍ଥିତି ରହି ବିଭିନ୍ନ ବିଭାଗର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

### ମାରଣାସ୍ତ୍ର ଦେଖାଇ ମୋବାଇଲ, ସୁନା ଚେନ୍ ନେଇଗଲେ

ଯୋଡ଼ା,୨୭।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଶୁକ୍ରବାର ଭୋର୍ ସମୟରେ ଯୋଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ଦୁର୍ବୃତ୍ତ ଜଣଙ୍କୁ ମାରଣାସ୍ତ୍ର ଦେଖାଇ ମୋବାଇଲ ଓ ସୁନା ଚେନ ନେଇଯାଇଛନ୍ତି। ଏ ନେଇ ଲୁଟର ଶିକାର ହୋଇଥିବା ଯୋଡ଼ା ଅଞ୍ଚଳର ହେମନ୍ତ ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ହେମନ୍ତ ଭୁବନେଶ୍ୱରରୁ ଭୋର୍ ସମୟରେ ଫେରି ଯୋଡ଼ା ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। ଚାଲିଚାଲି ଘରକୁ ଯାଉଥିବା ବେଳେ ରାସ୍ତାରେ ଜଣେ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ମୋବାଇଲ ଓ ପିନ୍ଧିଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଚେନ ଛଡ଼ାଇ ନେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଦୁର୍ବୃତ୍ତଙ୍କୁ ଧରାଯାଇନାହିଁ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା




ରାମଚନ୍ଦ୍ରପୁର/ଆନନ୍ଦପୁର,୨୭।୯
(ଗଣେଶ୍ୱର ସା/ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅନ୍ତର୍ଗତ ଶାଳପଡ଼ା ସରକାରୀ ଆଇଟିଆଇ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୦ନଂ ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଟିଆଇର ଅଧ୍ୟକ୍ଷ ବଳରାମ ସେଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ନିମନ୍ତେ ମଦ୍ୟପାନ କରି ଗାଡ଼ି ନ ଚଳାଇବା ସହ ଟ୍ରାଫିକ ସିଗନାଲ, ସିଟ୍ ବେଲ୍ଟ, ହେଲମେଣ୍ଟ ଆଦି ବ୍ୟବହାର କରିବାକୁ ସଚେତନ କରିଥିଲେ। ନିୟମ ଉଲଙ୍ଘନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ଫୁଲ ମାଳ ପିନ୍ଧାଇ ମିଠା ଖୁଆଇବା ସହ ଜମରାଜ ଓ ଚିତ୍ରଗୁପ୍ତ ବେଶ ଧାରଣ କରି ସଡ଼କ ଦୁର୍ଘଟଣାର କାରଣ ସଂକ୍ରାନ୍ତରେ ସଚେତନ କରଯାଇଥିଲା। ସଡ଼କ ଦୁର୍ଘଟଣାର କାରଣ ସମ୍ବନ୍ଧରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇ ସଡ଼କ ସୁରକ୍ଷା ବିଷୟରେ ସ୍ଲୋଗାନ ଦିଆଯାଇଥିଲା। ଏହି ସଚେତନା ଶିବିରରେ ସରକାରୀ ଆଇଟିଆଇର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଘସିପୁରା ପୋଲିସ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ କରିଥିଲା।

# ଭୀମକୁଣ୍ଡରେ ସଫେଇ କାର୍ଯ୍ୟ




ପାଟଣା,୨୭।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳରେ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଗୌରହରି ନାଏକ, ପାଟଣା ବିଡିଓ ଶିବଶଙ୍କର ମୁର୍ମୁ, ସ୍ୱଚ୍ଛ ଭାରତ ମିଶନର ବ୍ଲକ୍ ସଂଯୋଜକ ଏମ୍‌ଡି ଜଲା ଉଦ୍ଦିନ ଖାନ, ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକରାୟ, ଏଡିଓ ଯଦୁନାଥ ମହାନ୍ତ, ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ୫୦ରୁ ଉର୍ଦ୍ଧ୍ୱ ମହିଳା ସଭ୍ୟାମାନେ ସାମିଲ ହୋଇ ପର୍ଯ୍ୟଟନ କେନ୍ଦ୍ର ଅଞ୍ଚଳକୁ ସଫେଇ କରିଥିଲେ। ବିଡିଓ ଏହି ଅବସରରେ ଉପସ୍ଥିତ ଜନ ସାଧାରଣଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ।

### ଏନ୍‌ଏସି ପକ୍ଷରୁ ଚିକିତ୍ସାଳୟ ପରିସର ସଫେଇ

ଚମ୍ପୁଆ,୨୭।୯(ମହେଶ୍ୱର ଦାସ): ସ୍ୱଚ୍ଛ ଭାରତ ଅଭିଯାନ ପରିପ୍ରେକ୍ଷୀରେ ଚମ୍ପୁଆ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉପଖଣ୍ଡ ଚିକିତ୍ସାଳୟ ପରିସରକୁ ସଫା କରାଯାଇଥିଲା। ୧୩ ଗୋଟି ୱାର୍ଡକୁ ନେଇ ଗଠିତ ଏନ୍‌ଏସିର ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏନ୍‌ଏସିର ସିଏମ୍‌ଏମ୍ ଅନନ୍ତ ଚରଣ ସାହୁ, ସାନିଟେସନ ଏକ୍ସପର୍ଟ ଏସ୍‌କେ ସାହାବାଜ, ସିଓ ସ୍ୱର୍ଣ୍ଣପ୍ରଭା ମହାରଣା ସମେତ ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ ସାଥୀ ଓ ମିଶନ ଶକ୍ତିର ମହିଳାମାନେ ଯୋଗଦେଇ ସଫେଇ କରିଥିଲେ।

### ଦୁର୍ଘଟଣାରେ ଗୁରୁତରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାଟଣା,୨୭।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ଉଖୁଣ୍ଡା ରାସ୍ତା ବାଉଁଶୁଳି ପଞ୍ଚାୟତ ନିକଟରେ ଦୁର୍ଘଟଣାରେ ଗୁରୁତର ବାଇକ ଚାଳକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ତୁରୁମୁଙ୍ଗା ଥାନା ନିଶ୍ଚିନ୍ତପୁର ଗ୍ରାମ ଦିନମଣି ନାଏକଙ୍କ ପୁଅ ବିଜୟ (୨୫)। ସେ ଏକ ହୋଣ୍ଡା ଡ୍ରିମ ବାଇକ ଯୋଗେ ଉଖୁଣ୍ଡା ପଟରୁ ଆସୁଥିବା ସମୟରେ ରାସ୍ତାରେ ଛିଡ଼ା ହୋଇଥିବା ଏକ ପିକ୍‌ଅପ୍ ପଛକୁ ଧକ୍କା ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତୁରୁମୁଙ୍ଗା ଥାନା ଏଏସ୍‌ଆଇ ଦେବେନ୍ଦ୍ର ମୁର୍ମୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୨୭୧/୨୪) ରୁଜୁ ହୋଇଛି।

# ଦୁର୍ଗାପୂଜା ଶାନ୍ତି କମିଟି ବୈଠକ



ଢେଙ୍କିକୋଟ,୨୭।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନରେ ଥିବା ଦୁର୍ଗାପୂଜା କମିଟିର ସଭାପତି, ସମ୍ପାଦକଙ୍କୁ ନେଇ ଘଟଗାଁ ଥାନାରେ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଢେଙ୍କିକୋଟ ଦେବୀ ମଣ୍ଡପ ଢେଙ୍କିକୋଟ ଟିକିରାର ଶ୍ରୀ ଦୁର୍ଗାପୂଜା ମଣ୍ଡପ, ଘଟଗାଁ ଦୁର୍ଗାପୂଜା ମଣ୍ଡପ ଏବଂ ମେଦିନପୁର ଦୁର୍ଗାପୂଜା ମଣ୍ଡପର ସଭାପତି, ସମ୍ପାଦକ ଯୋଗ ଦେଇଥିଲେ। ପୂଜା ଶାନ୍ତି ଶୃଙ୍ଖଳା ସହ ଭାଇଚାରାରେ ଅନୁଷ୍ଠିତ ଉପରେ ଦୃଷ୍ଟି ଦେବା ପାଇଁ ଥାନା ଅଧିକାରୀ ବୁଝାଇଥିଲେ। ପୂଜା ସାଙ୍ଗକୁ ମଣ୍ଡପରେ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ସେସବୁକୁ ଜନସାଧାରଣ କିପରି ଶାନ୍ତି ଶୃଙ୍ଖଳାର ସହ ଉପଭୋଗ କରି ଆନନ୍ଦିତ ହେବେ, ମଣ୍ଡପରେ ମାଆଙ୍କ ଆଶୀର୍ବାଦ ନେଇପାରିବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ବୁଝାଇଥିଲେ।

# ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ଆନନ୍ଦପୁର,୨୭।୯(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଘୁଚାପ ଯୋଗୁ ଗତ ୪ ଦିନ ହେଲା ବର୍ଷା ଲାଗି ରହିଥିବାରୁ ଲୋକ ହନ୍ତସନ୍ତ ହେଉଛନ୍ତି। ଅନେକ ସ୍ଥାନରେ ବର୍ଷାଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୈତରଣୀରେ ଶୁକ୍ରବାର ସକାଳେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବାବେଳେ ଅପରାହ୍ଣରେ ସ୍ଥିର ରହିଥିଲା। ଆନନ୍ଦପୁର ବ୍ୟାରେଜର ୪ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ଘସିପୁରାରେ ଜାତୀୟ ରାଜପଥ ସର୍ଭିସ ରୋଡ୍‌ରେ ୫ ଫୁଟରେ ପାଣି ଚାଲିଥିଲା। ଫଳରେ ରାସ୍ତାରେ ଯାତାୟାତ ଏକ ପ୍ରକାର ଠପ୍ ହୋଇଥିଲା। ବର୍ଷାଦିନେ ଏଠାରେ ପାଣି ଜମୁଥିବାରୁ ଯାତାୟାତ ସମ୍ଭବ ହେଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ତ୍ରିଲୋଚନ ସାହୁ କହିଛନ୍ତି।



## ଗଣ୍ଡାନାଳ ଉପରେ ୫ ଫୁଟ୍‌ର ପାଣି

ରାମଚନ୍ଦ୍ରପୁର,୨୭।୯(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଦେଓଗାଁ ଗଣ୍ଡାନାଳ ଉପରେ ୫ ଫୁଟ୍‌ର ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଗତ ୪ଦିନ ଧରି ଆନନ୍ଦପୁର ଅଞ୍ଚଳରେ ବର୍ଷା ଲାଗି ରହିଥିବାରୁ ଗଣ୍ଡାନାଳ ଫୁଲି ଉପରେ ପାଣି ଚାଲୁଛି। ଏଠାରେ ନୂଆ ପୋଲ ତିଆରି ପାଇଁ ଚଳିତ ବର୍ଷ ଫେବୃୟାରୀରୁ କାର୍ଯ୍ୟ ଆରମ୍ଭ ହୋଇଛି। ଆପ୍ରୋଚ ରାସ୍ତା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନସାଧାରଣ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ୧୦ କି.ମି. ଦୂର ଇଚ୍ଛବାଲି ବଳରାମପୁର ରାସ୍ତା ଦେଇ ଦେଓଗାଁକୁ ଯାତାୟାତ କରୁଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ତୁରନ୍ତ ପୋଲ କାର୍ଯ୍ୟ ସାରିବାକୁ ବଳରାମ ମଲ୍ଲିକ, ବାପୁନ ସାହୁ, ନିରଞ୍ଜନ ସାହୁ, ପାଗଳ ବେହେରା, ଭାଗୀରଥି ପାଗଳ, ବିପିନ ଦାସ, ଜ୍ୟୋତିପ୍ରିତମ ଦାସ ପ୍ରମୁଖ ଦାବି କରିଛନ୍ତି।

# ସଚ୍ଚୋଟ, ନୂଆ ମୁହଁ ଉପରେ ନଜର

## ଆଜି କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ

କେନ୍ଦୁଝର,୨୭।୯(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ଶନିବାର କେନ୍ଦୁଝର ସହର ଓ ଆନନ୍ଦପୁରରେ ଅନୁଷ୍ଠିତ ହେବ। ବହୁ ବାଦବିବାଦ ପରେ ନିର୍ବାଚନ ହେଉଥିବା ବେଳେ ଚଳିତ ବର୍ଷ ବହୁ ନୂଆ ଓ ପୁରୁଣା ମୁହଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ପୂର୍ବ ନିର୍ବାଚିତ ବଡି ଉପରେ ବହୁ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରୁଥିବାରୁ ଚଳିତ ନିର୍ବାଚନରେ ସଚ୍ଚୋଟ, ସାଲିସ ବିହୀନ ଏବଂ ନୂଆ ପ୍ରାର୍ଥୀଙ୍କୁ ଟ୍ରକ୍ ମାଲିକ ପ୍ରାଧାନ୍ୟ ଦେବେ ବୋଲି ଚର୍ଚ୍ଚା ହେଉଛି। ୨ ବର୍ଷ ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ କରାଯାଉଛି। ସାଧାରଣ ନିର୍ବାଚନର ନୀତିନିୟମ ଅନୁଯାୟୀ ସମ୍ପାଦନ କରିବାକୁ ଚେଷ୍ଟା କରାଯାଉଥିବା ନିର୍ବାଚନ ପରିଚାଳନା କରୁଥିବା ଅତିରିକ୍ତ ଜିଲାପାଳ ମଦନଧର ମହାଲିଙ୍ଗ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୨୦୧୯ରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଙ୍କ ମଧ୍ୟରୁ ଅନେକେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୁଖ୍ୟତଃ ସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ପଦ ନିମନ୍ତେ ଜୋର୍‌ଦାର ଲଢ଼େଇ ହେଉଥିବା ପରିଲକ୍ଷିତ ହେଉଛି। ଗତ ନିର୍ବାଚନରେ ନିର୍ବାଚିତ ହୋଇଆସିଥିବା କେତେଜଣ କର୍ମକର୍ତ୍ତା ସଂଘର ସ୍ୱାର୍ଥ ହାସଲ ଦିଗରେ ପଦକ୍ଷେପ ନ ନେଇ ବଦନାମ ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସଚ୍ଚୋଟତା ଓ ଟ୍ରକ୍ ମାଲିକଙ୍କୁ ସାହାଯ୍ୟ କରୁଥିବା ପ୍ରାର୍ଥୀଙ୍କୁ ଭୋଟର ପ୍ରାଧାନ୍ୟ ଦେବେ ବୋଲି ଚର୍ଚ୍ଚା ହେଉଛି। ଗତ ବଡିର କାର୍ଯ୍ୟକାଳ ସମୟରେ ସଂଘର ଆୟ ଓ ବ୍ୟୟର କୌଣସି ହିସାବ ନ ଥିବାର ଅତୀତରେ ଅନେକ ଅଭିଯୋଗ ହୋଇଛି। ବିଶେଷକରି ଲୋଡିଂ ଟୋକନ ବଣ୍ଟନରେ ସ୍ୱଚ୍ଛତା ନ ଥିଲା ବୋଲି ଆଲୋଚନା ସହ ଏହା କର୍ମକର୍ତ୍ତା ବାଛିବାରେ ମଧ୍ୟ ଏକ ମୁଖ୍ୟ ମାପକାଠି ହେବ ବୋଲି କିଛି ଟ୍ରକ୍ ମାଲିକମାନେ ପ୍ରକାଶ କରିଛନ୍ତି। ୨୦୧୯ ପୂର୍ବରୁ ୨ ଥର ସଭାପତି ପଦରେ ସଭାପତି ଥିବା ରାମଚନ୍ଦ୍ର ଭୂୟାଁ ଓ ୨୦୧୯ ନିର୍ବାଚନରେ ଆନନ୍ଦପୁର ଜୋନ୍‌ର ଉପ ସଭାପତି ପଦରେ ନିର୍ବାଚିତ ହୋଇଥିବା ପଦ୍ମଲୋଚନ ସାହୁଙ୍କ ମଧ୍ୟରେ ସଭାପତି ପଦ ପାଇଁ ଲଢ଼େଇ ହେବାର ସମ୍ଭାବନା ରହିଛି। ଏହି ୨ ଜଣଙ୍କ ମଧ୍ୟରୁ କିଏ ତାଙ୍କ କାର୍ଯ୍ୟକାଳ ସମୟରେ ସଂଘର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଛନ୍ତି, ତାହାକୁ ଏବେ ନିର୍ବାଚନରେ ଭୋଟର ପରିଖିବେ ବୋଲି କୁହାଯାଉଛି। ସେପଟେ ଗତ ନିର୍ବାଚିତ ବଡିରେ ହୋଇଥିବା ଦୁର୍ନୀତିକୁ ପ୍ରସଙ୍ଗ କରି ୨୦୧୯ ପୂର୍ବରୁ ସମ୍ପାଦକ ଥିବା ପ୍ରଦୀପ ବାରିକ ପୁଣି ସେହି ସମ୍ପାଦକ ପଦ ପାଇଁ ଲଢୁଛନ୍ତି। ଗତ ନିର୍ବାଚନରେ ସମ୍ପାଦକ ଥିବା ସୂର୍ଯ୍ୟନାରାୟଣ କରଙ୍କ ମଧ୍ୟରେ ସିଧାସଳଖ ତାଙ୍କର ଲଢ଼େଇ ହେଉଥିବା ବେଳେ ଭୋଟର ଏଥର ନୂଆକୁ ବାଛିବେ ବୋଲି କୁହାଯାଇଛି। ସେହିପରି ୨ ଯୁଗ୍ମ ସମ୍ପାଦକ ପଦବୀ ପାଇଁ ମୁଖ୍ୟତଃ ଅଏସକାନ୍ତ ପଟ୍ଟନାୟକ, ଦେବେନ୍ଦ୍ର ପଟ୍ଟନାୟକ, ଅରୁଣ ମହାନ୍ତ ଓ ସଞ୍ଜୟ ସିଂଙ୍କ ମଧ୍ୟରେ ଲଢ଼େଇ ହେବ। ସଚ୍ଚୋଟତା, ସାହାଯ୍ୟ ଓ ସାଲିସବିହୀନ ପ୍ରାର୍ଥୀଙ୍କୁ ଟ୍ରକ୍ ସଂଘର ସଦସ୍ୟମାନେ ନିର୍ବାଚିତ କରିବାକୁ ମନସ୍ଥ କରିଥିବା ଆଲୋଚନା ହେଉଛି। ନିର୍ବାଚନ ପ୍ରଚାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରାର୍ଥୀମାନେ ଟ୍ରକ୍ ମାଲିକଙ୍କୁ ମନାଇବାରେ ଲାଗିପଡ଼ିଛନ୍ତି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

ଖଇରା,(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଲଗାଣ ବର୍ଷା ପ୍ରଭାବରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଝାଟିଆ ଗ୍ରାମରେ ଅଶ୍ୱତଥ୍ ଗଛପଡି ମାଳତୀ ଶଙ୍ଖୁଆଙ୍କ ଆଜବେଷ୍ଟସ୍ ଛପର ଘର ଭାଙ୍ଗିଯାଇଛି । ଖଇରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ ହଟାଇବା ପରେ ପରିବାର ଲୋକେ ଘରୁ ବାହାରକୁ ବାହାରିଥିଲେ। ସରପଞ୍ଚ ପ୍ରତିନିଧି ବିଶ୍ୱଭୂଷଣ ପ୍ରଧାନ କ୍ଷତିପୂରଣ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

**ବାଲେଶ୍ୱର**

**ସଂକ୍ଷେପରେ**

## ଶିକ୍ଷକ, କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ସୋର, ୨୭।୯(ଜନ୍ମେଜୟ ମିଶ୍ର)

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ ବୈଠକ ସଂଘ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠନାଥ ନାୟକଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ଯୋଗଦେଇଥିଲେ। ଏଥିରେ ସଂଘ ସଭାପତି ରୂପେ ରତ୍ନାକର ମୁଦୁଲି, ଉପସଭାପତି ନିରଞ୍ଜନ ଜେନା, ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ପତି, ଯୁଗ୍ମ ସମ୍ପାଦକ ସୁଜିତ କୁମାର ଦାସ, ସହ ସମ୍ପାଦକ ଅରୁଣ କୁମାର ରାମ ଏବଂ କୋଷାଧ୍ୟକ୍ଷ ଭାବେ ରୁଦ୍ରଚରଣ ବାରିକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାକ୍ତନ ସମ୍ପାଦକ ମନୋଜ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ଼. ସତ୍ୟବ୍ରତ ଦାଶଙ୍କ ସମେତ ସମସ୍ତ ସଦସ୍ୟା ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଡ଼. ଅନୁରାଧା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କୁ କୁରାଢ଼ିରେ ଆକ୍ରମଣ

ସୋର, ୨୭।୯(ଜନ୍ମେଜୟ ମିଶ୍ର)

ସୋର ଥାନା ହେଁସଗୁଡା ଗ୍ରାମରେ ଜଣେ ଯୁବକଙ୍କୁ କୁରାଢିରେ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ନିତ୍ୟାନନ୍ଦ ସାହୁ ବୁଧବାର ରାତିରେ ଗ୍ରାମରେ ଭୋଜି ଖାଇ ଫେରୁଥିବା ବେଳେ ସେହି ଗ୍ରାମର ରଘୁନାଥ ପାତ୍ର ତାଙ୍କୁ ଏକ ଧାରୁଆ କୁରାଢିରେ ଆକ୍ରମଣ କରିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ବାମ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଗୁରବାର ନିତ୍ୟାନନ୍ଦ ଥାନାରେ ଅଭିଯୋଗ କରିଥିଲେ।

## ଜଳେଶ୍ୱରରେ ଟେମ୍ପୋ, ଟଟୋ ଚାଳନା ବନ୍ଦ

ଜଳେଶ୍ୱର, ୨୭।୯(ରବିନାରାୟଣ ପାତ୍ର)

ଗତ ୨ବର୍ଷ ଧରି ଜଳେଶ୍ୱର ଷ୍ଟେଶନ ସମ୍ମୁଖରେ ଫ୍ରି ପାର୍କିଂ ଦାବି କରି ଟେମ୍ପୋ ଓ ଟଟୋ ସଂଘ ପକ୍ଷରୁ ଦାବି କରାଯାଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନି। ପୂର୍ବ ସୂଚନା ଅନୁଯାୟୀ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳ ଲାଗି ସଂଘ ପକ୍ଷରୁ ୧ନଂ. ପ୍ଲାଟଫର୍ମରେ ଗଣଧାରଣା ଦିଆଯାଇଛି । ଫଳରେ ଜଳେଶ୍ୱର ସହରରେ ଟେମ୍ପୋ ଓ ଟଟୋ ଚଳାଚଳ ବନ୍ଦ ହୋଇଯାଇଛି । ଟେମ୍ପୋ ଓ ଟଟୋ ସଂଘ ଆବାହକ ସୌମେନ୍ଦ୍ର ଦେ, ସୁବାସ ଟଟୋ ସଂଘର ସଭାପତି ଦିଲୀପ ପରିଡା, ଜଗନ୍ନାଥ ଅଟୋ ସଂଘର ସଭାପତି ରବୀନ୍ଦ୍ର ଦାସ, ଟଟୋ ସଂଘ ସଭାପତି ସେକ୍ ଜମିରୁଦ୍ଦିନ, ଅଜିତ୍ ପରିଡା, ସେକ୍ ସିତାରୁଦ୍ଦିନ, ଦିଲ୍ଲିପ ଗିରି, ବଣିକ ସଂଘ ସଭାପତି ସୁଧୀର ମହାନ୍ତି, ଦିପ୍ତିମାନ ଆଚାର୍ଯ୍ୟ, ଗୁଲାମ ମଇରୁଦ୍ଦିନଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭରମାନେ ଆନ୍ଦୋଳନରେ ବସିଛନ୍ତି ।

# ପାଗରେ ଉନ୍ନତି, ତଳିଆ ଅଞ୍ଚଳରେ ବନ୍ୟାପାଣି





ଭୋଗରାଇ, ୨୭।୯(ପ୍ରଦୀପ ଦାସ)

ସୁବର୍ଣ୍ଣରେଖା ଉପରମୁଣ୍ଡରେ ଥିବା ଝାଡ଼ଖଣ୍ଡର ଗାଲୁଡ଼ିହି ବ୍ୟାରେଜରୁ ଗୁରୁବାର ଉଦ୍‌ବୃତ୍ତ ବର୍ଷାଜଳ ୧୨ଟିଗେଟରୁ ପ୍ରତି ସେକେଣ୍ଡକୁ ୨୨୦୦୦ କ୍ୟୁସେକ ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ରାଜଘାଟ ଗେଜଠାରେ ବନ୍ୟାଜଳ ବୃଦ୍ଧି ପାଇଛି। ଖବରଲେଖାକୁ ସତର୍କ ସୂଚନା ୯.୪୫ ମିଟର ତଳେ ପ୍ରବାହିତ ହେଉଛି। ଲଘୁଚାପ ଦୁର୍ବଳ ହୋଇଥିବାରୁ ବିଭିନ୍ନ ସ୍ଥାନରେ ବର୍ଷାର ପରିମାଣ କମ୍ ରହିଛି। ଏଥିସହିତ ଶୁକ୍ରବାର ପାଗରେ ଉନ୍ନତି ଘଟିଛି। ଝାଡ଼ଖଣ୍ଡର ଗାଲୁଡ଼ିହି ବ୍ୟାରେଜ ଗେଟ ବନ୍ଦ କରି ଦିଆଯାଇଥିବା ସୂଚନା ମିଳିଛି। ସୁବର୍ଣ୍ଣରେଖାରେ ପାଣି କମିଥିଲେ ମଧ୍ୟ ଭୋଗରାଇ, ବାଲିଆପାଳ ବ୍ଲକର ନଦୀପାର୍ଶ୍ୱସ୍ଥ ଗାଁଗୁଡିକରେ ପୁଣି ବନ୍ୟାଜଳ ଉଣା ଅଧିକେ ପ୍ରବେଶ କରିଛି। ତେବେ ଆଶଙ୍କା କରାଯାଉଥିବା ବଡ଼ ବନ୍ୟା ଟଳିଯାଇଛି।

ଅପରପକ୍ଷରେ ଏକ ସପ୍ତାହ ପରେ ପୁଣି ଏକ ବନ୍ୟାଜଳ ପ୍ରବେଶ କରିବା ଯୋଗୁ ୨ ବ୍ଲକର ବନ୍ୟା ଆସି ଲୋକଙ୍କ ଜୀବନଜୀବିକା ଦୁର୍ବିଷହ ହୋଇଛି। ରାସ୍ତା ଉପରେ ଛାଡିଯାଇଥିବା ବନ୍ୟାପାଣି ପୁଣି ପଶିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏବେବି ବହୁ ତଳି ଅଞ୍ଚଳର ଗାଁ ଦାଣ୍ଡରେ ଆଣ୍ଠୁଏ ଉପରକୁ ପାଣି ଜମି ରହିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢିଛି। ଭୋଗରାଇ ବ୍ଲକର କୁଳିଦା, ମାହାଦିଆ, ପ୍ରିୟବାଗ, ଉପୁଳା, ମଧୁପୁର, ଦାରୁହା, କଟିସାହି,

### ସତର୍କ ସୂଚନା ତଳେ ସୁବର୍ଣ୍ଣରେଖା

ଚକେଇସବ, ଦକ୍ଷିଣନାଡବଣୀ, ଉଲାଡି, ପୁଟିଣା, କୃଷ୍ଣପୁର, ପୁରୁଷୋତ୍ତମପୁର, ବଧିଆ, ଗବଗାଁ, ଚିରକୁଳା, ନୀଳପୁରା, କୁସୁଡା, ନାଛିନ୍ଦା, ଉଲୁଡ଼ା, ଆରୁହାବୃତ୍ତି, ମନୁନଗର, ହୁବାରବାଟିଆ, ଖଳାବାଡିଆ, କୁହ୍ଲା, ମାଟିଖଣା, ଅଡଙ୍ଗପନ୍ତେଇ, ନାନକାର, ଖଡ଼ିକା ବାଡ଼ି, କୁମ୍ଭୀରଗ ଆଦି ତଳି ଗାଁଗୁଡିକ ପାଣିଘେରରେ ରହିଛି। ସେହିପରି କୁମ୍ଭୀରଗଡି ସୁବର୍ଣ୍ଣରେଖା ନଦୀକୂଳରେ ଟିଣଛପର ଘରେ ପୂଜା ପାଉଥିବା ଏସିଆର ସର୍ବବୃହତ ଶିବଲିଙ୍ଗ ଶ୍ରୀଭୂଷଣ୍ଡେଶ୍ୱର ମହାଦେବ ବର୍ଷା ଓ ବନ୍ୟା ପାଣିରେ ୧୦ଦିନ ଧରି ବୁଡି ରହିଛନ୍ତି । ସୁବର୍ଣ୍ଣରେଖା ଦୁର୍ବଳ ନଦୀବନ୍ଧରେ ସେଚ ବିଭାଗର ଯନ୍ତ୍ରୀ ପ୍ରିୟବ୍ରତ ସିଂ, କନିଷ୍ଠଯନ୍ତ୍ରୀ ବସନ୍ତ କୁମାର ବେହେରା, ଚିତ୍ତରଞ୍ଜନ ସିଅଳ ପ୍ରମୁଖ କର୍ମଚାରୀ ସ୍ଥିତି ପ୍ରତି ସଜାଗ ରହିଛନ୍ତି।

# ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଦର୍ଶନ ବନ୍ଦ



ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ପାଣି।

ନୀଳଗିରି, ୨୭।୯(ପ୍ରଶାନ୍ତ ବିଶ୍ୱାଳ)

ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠର ପୂଜାମଣ୍ଡପ ଉପରେ ଝରଣା ପାଣି ସୁଅ ଛୁଟିଛି। ଦେବଗିରି ପାହାଡ଼ର ୪ଫୁଟ ଉଚ୍ଚର ଝରଣା ପାଣିର ପ୍ରଖର ସ୍ରୋତ ଆସିବାରୁ ପଞ୍ଚଲିଙ୍ଗେଶ୍ୱରଙ୍କୁ ସ୍ପର୍ଶ କରିବା ଓ ପାଖକୁ ଯିବା ପାଇଁ ବାରଣ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ସନ୍ଧ୍ୟାରେ ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ସେଠାରେ ଛିଡ଼ା ହୋଇ ସନ୍ଧ୍ୟା ଆଳତୀ

### ଝରଣା ପାଣିର ପ୍ରଖର ସ୍ରୋତ

କରିବା କଷ୍ଟକର ହୋଇପଡ଼ିଛି। ଯେଉଁ ସ୍ଥାନରେ ଭକ୍ତମାନେ ଛିଡ଼ା ହୋଇ ବାବାଙ୍କୁ ପୂଜାର୍ଚ୍ଚନା କରନ୍ତି, ସେହି ଚଟାଣରେ ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ଫଳରେ ବାହାର ରାଜ୍ୟରୁ ବାବାଙ୍କୁ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ ଦର୍ଶନ କରି ନ ପାରି ନିରାଶ ହୋଇ ଫେରିଛନ୍ତି।

# ଉଦ୍ୟୋଗ ଦିବସ ପାଳିତ



ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ବାଲେଶ୍ୱର, ୨୭।୯(ବାଞ୍ଛାନିଧି ଦେ)

ବାଣିଜ୍ୟ ବ୍ୟବସାୟ ପ୍ରତି ବର୍ତ୍ତମାନର ଯୁବବର୍ଗଙ୍କ ମଧ୍ୟରେ ବର୍ଦ୍ଧିତ ଆଗ୍ରହକୁ ଉତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଟିବିଆଇ ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ମିଳିତ ସହଯୋଗରେ ଉଦ୍ୟୋଗ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପୌରୋହିତ୍ୟ କରି ସାମାଜିକ କର୍ମ ମଧ୍ୟରେ ବାଣିଜ୍ୟ ସର୍ବଶ୍ରେଷ୍ଠ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ମଞ୍ଚାସୀନ ଥିଲେ। ବିଶେଷଜ୍ଞ ଓ ବକ୍ତା ଭାବେ ଇମାମୀ ପେପର ମିଲ୍‌ସ ଲିମିଟେଡ୍‌ର ମାନବ ସମ୍ବଳ ଜେନେରାଲ୍ ମ୍ୟାନେଜର ଡ. ୟୁସୁଫ୍ ସୋଲାଙ୍କି ଓ ସିଟର୍ନ ଟେକ୍ନୋ ହେଲଥ୍

### ସାମାଜିକ କର୍ମ ମଧ୍ୟରେ ବାଣିଜ୍ୟ ସର୍ବଶ୍ରେଷ୍ଠ : କୁଳପତି

ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱରର ନିର୍ଦ୍ଦେଶକ ସୈକତ ଘୋଷ ଯୋଗଦେଇ ବ୍ୟବସାୟିକ ମାନବ ସମ୍ବଳ ପରିଚାଳନାର ପୃଷ୍ଠଭୂମି, ଉଦ୍ୟୋଗୀକରଣରେ ନବସୃଜନ ତଥା ସମର୍ପଣ ମନୋଭାବ ସହ କାର୍ଯ୍ୟ କରି ଉତ୍କର୍ଷରେ ପହଞ୍ଚିବାର ଉପଯୋଗୀ ପରାମର୍ଶମାନ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ୍ ବାୟୋସେନ୍ସି ଟେକ୍ନୋଲୋଜିର ବିକାଶ ଏବଂ ଉତ୍ପାଦନରେ ବିଶେଷଜ୍ଞ ଭାବେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନୂତନତ୍ୱକୁ ଆପଣେଇ ବ୍ୟବସାୟିକ ଷ୍ଟାର୍ଟ-ଅପଗୁଡ଼ିକ ସମ୍ପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ହାଇଦ୍ରାବାଦସ୍ଥିତ ନନ୍ଦୀ ଫାଉଣ୍ଡେଶନ ଅନୁଷ୍ଠାନ ସହିତ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ରକୁ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ. ନିହାର ରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ନବୀକରଣ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକ ଦେବନାଥ ବରାଳ ଓ ମୁନମୁନ ସିଂ ଉପସ୍ଥିତ ଥିଲେ। ଟିବିଆଇର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ଅଗ୍ରୱାଲଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍ୟୋଗ ଦିବସ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନେନ୍ଦୁ ନାୟକ ସଞ୍ଚାଳନ କରିଥିଲେ।

## ବିଧାୟକଙ୍କ ଦ୍ୱାରା ୩ ନୂତନ ରାସ୍ତା ଶିଳାନ୍ୟାସ

ବାଲେଶ୍ୱର, ୨୭।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ସାର୍ଥା ଓ ଛାନୁଆ ପଞ୍ଚାୟତର ତିନୋଟି ନୂତନ ରାସ୍ତାକୁ ବୁଧବାର ଶିଳାନ୍ୟାସ କରିଛନ୍ତି ବିଧାୟକ ମାନସ କୁମାର ଦତ୍ତ। ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ଗତ ନିର୍ବାଚନ ସମୟରେ ବିଧାୟକ ଦତ୍ତ ନୂତନ ରାସ୍ତା ନିର୍ମାଣର ପ୍ରତିଶ୍ରୁତି ପୂରଣ କରିଥିବାରୁ ସାଧାରଣରେ କୃତଜ୍ଞତା ଜ୍ଞାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବିତ ସାର୍ଥା ପଞ୍ଚାୟତର ବାଂଶ୍ରୀ ଛକଠାରୁ ରଣସରପୁରଡ଼ିହା ପର୍ଯ୍ୟନ୍ତ ରାସ୍ତା ପ୍ରକଳ୍ପର ଅଟକଳ ମୂଲ୍ୟ ୩ କୋଟି ୬୬ଲକ୍ଷ ୨୯ହଜାର, ଛାନୁଆ ପଞ୍ଚାୟତର ଫିସାରି ରାସ୍ତାଠାରୁ ଭଦ୍ରସିଆ ରାସ୍ତା ଏବଂ ଆରଡ଼ି ରାସ୍ତାଠାରୁ ନଳକୁଳି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ ପର୍ଯ୍ୟାୟକ୍ରମିକ ରକ୍ଷଣାବେକ୍ଷଣ ପ୍ରକଳ୍ପର ଅଟକଳ ମୂଲ୍ୟ ୮୨ଲକ୍ଷ ୭୨ଲକ୍ଷ ୬୫୨ଟଙ୍କା ରହିଛି। ଏହି ୩ଟି ରାସ୍ତା ପ୍ରକଳ୍ପକୁ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ବିଧାୟକ ଦତ୍ତ ନିର୍ଦ୍ଦେଶ ଦେଇଥିଲେ।

## ଗରସଙ୍ଗ, ନହଙ୍ଗ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ




ଗରସଙ୍ଗ କ୍ଲଷ୍ଟର ଉଦ୍‌ଯାପନୀ ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଖଇରା, ୨୭।୯(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ଓ ପଳସା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗରସଙ୍ଗ ଉପ୍ରା ବିଦ୍ୟାଳୟରେ ସିଆରସିସି ନରହରି ବେହେରାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଦେବେନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ସରପଞ୍ଚ ରାଜେନ୍ଦ୍ର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଫୁଲ୍ଲ କୁମାର ଦାସ, ରାଜକିଶୋର ଜେନା, ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ବେହେରା, ଚକ୍ରଧର ଖିଲାର, ମଧୁସୂଦନ ବାରିକ, ଛୋଟରାମ ସିଂ, ପ୍ରବୀଣ ମହାନ୍ତି, କୈଳାସ ଚନ୍ଦ୍ର ଦାସ, ମାନସ ପାଣିଗ୍ରାହୀ, ଗଙ୍ଗାଧର କାଣ୍ଡି, ରାଧାରଞ୍ଜନ ଦାସ, ପରମାନନ୍ଦ ଦାସ, ଶିବପ୍ରସାଦ ବଳ, ଅନନ୍ତ ଉପାଧ୍ୟାୟ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ନହଙ୍ଗ କ୍ଲଷ୍ଟର ଅଧୀନ ପଳସା ଉପ୍ରା ବିଦ୍ୟାଳୟ ପରିସରରେ ସିଆରସିସି ଭାଗବତ ପ୍ରସାଦ ଦାସଙ୍କ ଆବହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ମୁଖ୍ୟଅତିଥି, ସରପଞ୍ଚ ମନୋରଞ୍ଜନ ସାହୁ, ପ୍ରଧାନଶିକ୍ଷକ ମାନସ କୁମାର ବାରିକ ଓ ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ସଙ୍ଗୀତ, ନୃତ୍ୟ, କୁଇଜ, ବକ୍ତୃତା, ତର୍କ, ହସ୍ତକଳା ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମାନପତ୍ର ପ୍ରଦାନ କରାଯାଉଛି।

# ଔପଦା ଥାନା ଛକରୁ ଆଦର୍ଶ ବିଦ୍ୟାଳୟ ରାସ୍ତା ମରଣଯନ୍ତା

ଔପଦା, ୨୭।୯(ଧରିତ୍ରୀ ପଣ୍ଡା)

ଔପଦାରୁ ଫତେପୁର ପର୍ଯ୍ୟନ୍ତ ୭କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଥିବା ବେଳେ ଥାନା ଛକରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ୧.୫ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ମରଣଯନ୍ତା ପାଲଟିଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ସ୍କୁଲ, କଲେଜ ପିଲାଙ୍କ ସହ ସାଧାରଣ ଲୋକମାନେ ନିର୍ଭର କରୁଥିବା ବେଳେ ଏହି ୧.୫ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଦୀର୍ଘ ଦିନ ଧରି କାମ ବନ୍ଦ ଥିବାରୁ ରାସ୍ତା ଖାଲଢ଼ିପ ହୋଇଥିବାରୁ ପ୍ରତିଦିନ ଦୁର୍ଘଟଣାମାନ ଘଟୁଛି। ଏହି ଦେଢ଼ କି.ମି. ରାସ୍ତା ଅଙ୍କାବଙ୍କା ହୋଇଯାଇଥିବା ବେଳେ ରାସ୍ତା କଡ଼ରେ ବିଭିନ୍ନ ପ୍ରକାର ଯାନ ସହ କଞ୍ଚାମାଲ ରହୁଥିବାରୁ ପଥିକମାନେ ସମସ୍ୟାରେ ପଡୁଛନ୍ତି। ଗତ ୧୪ ତାରିଖ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଉତ୍ସବକୁ ଆସିଥିବା ମୁଖ୍ୟଅତିଥି ଭାବେ ବିଧାୟକ ସନ୍ତୋଷ ଖଟୁଆଙ୍କୁ ରାସ୍ତାର ଦୁରବସ୍ଥା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯିବା ପରେ ବିଧାୟକ ବିଭାଗୀୟ ଅଧିକାରୀଙ୍କ ସହିତ କଥା ହୋଇଥିବା ଜଣାଯାଇଛି।

ପ୍ରକାଶ ଥାଉକି, ଔପଦାରୁ ଫତେପୁର ପର୍ଯ୍ୟନ୍ତ ୭କି.ମି. ରାସ୍ତାରୁ ଏହି ଦେଢ଼ କି.ମି. ରାସ୍ତା ସହ ତୁଟାସାହି ଗ୍ରାମଠାରେ ୩୦୦ ମିଟରରୁ ଊର୍ଦ୍ଧ୍ୱ ରାସ୍ତା କାମ ବନ୍ଦ ରହିଥିବାରୁ ବିଭାଗ ଓ ଠିକାଦାରଙ୍କ ଅବହେଳା ନା ରାସ୍ତା ପାର୍ଶ୍ୱରେ ଥିବା ଦଖଲକାରୀଙ୍କୁ ଉଚ୍ଛେଦ କରିବାର ପ୍ରଶାସନର ଅଣଦେଖା, କେଉଁ କାରଣରୁ କାମ ବନ୍ଦ ଅଛି ସାଧାରଣରେ ନାନା କଥା ଚର୍ଚ୍ଚା ହେଉଛି। ରାସ୍ତା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଲକ୍ଷ୍ମଣ ସିଂଙ୍କୁ ପଚାରିବାରୁ ରାସ୍ତା ପାଖରେ ଥିବା ଜମି ଅଧିଗ୍ରହଣ ପାଇଁ ରାଜସ୍ୱ ବିଭାଗକୁ ଜଣାଇବା ପରେ ରାଜସ୍ୱ ବିଭାଗ ସରକାରୀ ଜମି ନାହିଁ ବୋଲି ଦର୍ଶାଇଛନ୍ତି। ଗୋଟିଏ ଗୋଷ୍ଠୀ ନିର୍ମାଣ ହୋଇଥିବା ଚଉଡ଼ା ରାସ୍ତା ପରି କରିବା ପାଇଁ କହୁଥିବା ବେଳେ ଗୋଟିଏ ଗୋଷ୍ଠୀ ପୂର୍ବପରି ଥିବା ରାସ୍ତା କରିବା ପାଇଁ ଚାହୁଁଥିବାରୁ କାମ ବନ୍ଦ ଅଛି ବୋଲି କହିଛନ୍ତି।

# ସ୍ୱଚ୍ଛତା, ଚାରାରୋପଣ କାର୍ଯ୍ୟକ୍ରମ

କାଳିପଦା, ୨୭।୯(ରାଜଶ୍ରୀ ପାଣିଗ୍ରାହୀ)

ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ସ୍ୱଚ୍ଛତା ହିଁ ସେବା ଦିବସ ୨୦୨୪। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ବାଲିଆପାଳ ବ୍ଲକର ସ୍ୱଚ୍ଛତା ଦିବସ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଉଗରା ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ଉଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୋମ୍ୟମୁକୁଳ ବାରିକ, ଯନ୍ତ୍ରୀ ପ୍ରେମାନନ୍ଦ ଚଇନି, ଏପି ସୌମ୍ୟକାନ୍ତ ଦାସ, ଜିପିଡିଓ ପ୍ରିୟବ୍ରତ ଗିର, ବିଆର୍‌ସି ସୁପ୍ରିୟା ବିଶ୍ୱାଳ, ବିଇଓ ମାଗଦେଲେନା ମାରାଣ୍ଡିଙ୍କ ସହିତ ବ୍ଲକ କର୍ମଚାରୀ, ମଦର ଟେରେସା ସେବା



ସ୍ୱଚ୍ଛତା କାର୍ଯ୍ୟକ୍ରମ।

ସଂଘ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇ ଉଗରା ବେଳାଭୂମିକୁ ସଫା କରିଥିଲେ। ପରେ ଡାକବଙ୍ଗଳାରେ ଏକ ସ୍ୱଚ୍ଛତା ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ନିଜେ ସ୍ୱଚ୍ଛ ରହିବା ସହିତ ପରିବେଶକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ମଣିଷଙ୍କର କର୍ତ୍ତବ୍ୟ ବୋଲି ପଣ୍ଡା କହିଥିଲେ। ମଦର ଟେରେସା ସେବା ସଂଘ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବନସୁରକ୍ଷା କମିଟିର କର୍ମକର୍ତ୍ତା ଓ ଏସ୍‌ଏଚ୍‌ଜି ମହିଳାମାନେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର



ସୋର, ୨୭।୯(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକା ଅଧୀନ ହେମପ୍ରଭା ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୋର ବିଇଓ ନାରାୟଣ ପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୨୦ଟି ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ସିନିଅର, ଜୁନିଅର ଏବଂ ସବଜୁନିଅର ବିଭାଗରେ ମୋଟ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗୀମାନେ ବିଜ୍ଞାନ, ଗଣିତ ଏବଂ ସାମାଜିକ ବିଜ୍ଞାନରେ ସାମ୍ପ୍ରତିକ ଘଟଣାବଳୀ ଉପରେ ପ୍ରଶ୍ନର ଉତ୍ତର ଦେଇଥିଲେ। ଅପରାହ୍ନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ମୁଖ୍ୟବକ୍ତା ଭାବେ ଭାରପ୍ରାପ୍ତ ପୌରାଧ୍ୟକ୍ଷା ସସ୍ମିତା ଦାସ, ସମ୍ମାନିତ ଅତିଥି ଭାବେ ପାରିଷଦ ରାଜେନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକ, ବ୍ଲକ ସହ ଶିକ୍ଷାଧିକାରିଣୀ କ୍ରିଷ୍ଣା ମହାନ୍ତି, ବ୍ଲକ ବିଜ୍ଞାନ ସଂଯୋଜକ ନିରଞ୍ଜନ ନାୟକ, ଗୁହାରିଆସାହି କ୍ଲଷ୍ଟର ସିଆରସିସି ସେକ ମହମ୍ମଦ ଇମତିଆଜ ପ୍ରମୁଖ ଯୋଗଦେଇ କୁଇଜ ପ୍ରତିଯୋଗିତା ପିଲାମାନଙ୍କ ଅଭିସନ୍ଧିତ୍ସୁ ମନୋଭାବକୁ ବୃଦ୍ଧି କରିବ ବୋଲି ମତ ପ୍ରକାଶ କରିଥିଲେ। ସଭାରେ ୩ଟି ବିଭାଗରେ ୩ଜଣ ଲେଖାଏଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଉମାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଭିନ୍ନ କ୍ଲଷ୍ଟର ସିଆରସିସିମାନେ ପ୍ରତିଯୋଗିତା ସମେତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟାବହୁଳ ରକ୍ତତୀର୍ଥ ତୁଡ଼ିଗଡ଼ିଆ

### ନୂଆ ସରକାର, ନୂଆ ସମ୍ଭାବନା

ଖଇରା, ୨୭।୯(ଉତ୍କଳବନ୍ଧୁ ପଣ୍ଡା)

ରାତି ପାହିଲେ ବାଲେଶ୍ୱର ଜିଲାର ରକ୍ତତୀର୍ଥ ତୁଡ଼ିଗଡ଼ିଆରେ ପାଳନ ହେବ ୮୨ତମ ଶହୀଦ ଦିବସ। ନାଚଗୀତ ତିଳତର୍ପଣରେ କମ୍ପିବ ତୁଡ଼ିଗଡ଼ିଆ ମାଟି। ତୁଡ଼ିଗଡ଼ିଆରେ ଶହୀଦ ହୋଇଥିବା ୩ ବରପୁତ୍ର ରଘୁ ବେହେରା, ମକର ଲେଙ୍କା ଓ କେଲୁ ସାହୁଙ୍କ ସ୍ମୃତିଚାରଣ ପାଇଁ ନେତା ମନ୍ତ୍ରୀ ତୁଡିଗଡିଆ ମାଟିରେ ଭିଡ ଜମାଇବେ। ନିଜ ନିଜ ଭାଷଣରେ ଅନେକ କିଛି ପ୍ରତିଶ୍ରୁତି ଦେଇଯିବେ। ମଞ୍ଚ ତଳେ ବସିଥିବା ଶ୍ରୋତା କରତାଳି ମାରି ଭାଷଣକୁ ସ୍ୱାଗତ କରିବେ। ହେଲେ ବିଗତ ବର୍ଷମାନଙ୍କ ଭଳି ସବୁ କିଛି ପ୍ରତିଶ୍ରୁତିରେ ରହିଯିବ କି ନୂଆ ସରକାର କିଛି ନୂଆ ସମ୍ଭାବନା ସୃଷ୍ଟି କରିବେ ତାହା ଦେଖିବାକୁ ତୁଡ଼ିଗଡ଼ିଆବାସୀ ଅପେକ୍ଷା କରି ରହିଛନ୍ତି। ଦୀର୍ଘଦିନର



ତୁଡିଗଡିଆରେ ନୂତନ ଭାବେ ନିର୍ମିତ ହୋଇଥିବା ଶହୀଦ ସ୍ତମ୍ଭ।

ଦାବି ପରେ ୨୦୧୮ ମସିହାରେ ତତ୍କାଳୀନ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ତୁଡିଗଡିଆକୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଉନ୍ନତୀକରଣ ପାଇଁ ପର୍ଯ୍ୟଟନ ବିଭାଗରୁ ୫୦ଲକ୍ଷ ଟଙ୍କା ଓ ବିଧାୟକ ପାଣ୍ଠିରୁ ପାଖାପାଖି ୨୦ଲକ୍ଷ ପ୍ରଦାନ କରାଯାଇଥିଲେ ହେଁ ଅନେକ ସୁବିଧାରୁ ରକ୍ତତୀର୍ଥ ମାଟି ବଞ୍ଚିତ ହୋଇରହିଛି। ତୁଡିଗଡିଆକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଏପର୍ଯ୍ୟନ୍ତ ନୂତନ ଥାନା ପ୍ରତିଷ୍ଠା ଫାଇଲରେ ବନ୍ଦ ହୋଇରହିଛି। ସେହିଭଳି ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିବା, ତୁଡିଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅପଗ୍ରେଡେସନ କରାଯିବା, ତୁଡିଗଡିଆକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରାଯିବା, ସ୍ୱାଧୀନତା ସଂଗ୍ରାମୀ ବୈଦ୍ୟନାଥ ରାଉତଙ୍କ ଦ୍ୱାରା ଖଇରାଡିହିରେ ଖୋଲାଯାଇଥିବା ହୋମିଓପାଥି ଚିକିତ୍ସାକେନ୍ଦ୍ରର ପୁନରୁଦ୍ଧାର, ସ୍ୱାଧୀନତା ସଂଗ୍ରାମୀ ନୀଳାମ୍ବରଙ୍କ ନାମରେ ଖୋଲାଯାଇଥିବା ହାଇସ୍କୁଲରେ ଯୁକ୍ତ ୨ ଖୋଲାଯିବା ଭଳି ଦାବି ସ୍ମାରକପତ୍ରରେ ସୀମିତ ହୋଇରହିଛି। ଏଥର ସରକାର ପରିବର୍ତ୍ତନ ହେବା ସହ ପୁରୁଣା କମିଟିକୁ ମଧ୍ୟ ପୁନର୍ଗଠନ କରାଯାଇଛି। ଅପେକ୍ଷିତ ନେତା, ମନ୍ତ୍ରୀ, ବିଧାୟକ ଓ ଏମ୍‌ପିଙ୍କଠାରୁ ତୁଡିଗଡିଆବାସୀ ଅନେକ କିଛି ଆଶାବାନ୍ଧି ରହିଛନ୍ତି। ନୂଆ ସରକାରଙ୍କ ଦ୍ୱାରା ତୁଡ଼ିଗଡ଼ିଆରେ ଲାଗିରହିଥିବା ସମସ୍ୟାର ସମାଧାନ ହେବା ସହ ସୌନ୍ଦର୍ଯ୍ୟକରଣ ବଢିବ ବୋଲି ଜନକଲ୍ୟାଣ ପରିଷଦ ସଭାପତି ବିଷ୍ଣୁପ୍ରସାଦ ଶତପଥି ଓ ସହ ସମ୍ପାଦକ କୈଳାସ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ବ୍ରିଟିଶ ଫୌଜ ସହ ଲଢି ବଧି ଗ୍ରାମର ରଘୁ ବେହେରା ଓ ବଡପୋଖରୀ ଗ୍ରାମର ମକର ଲେଙ୍କା ଖଇରାଡିହିଠାରେ ଫୌଜ ଗୁଳିରେ ଶହୀଦ ହୋଇଥିବା ବେଳେ କେଲୁ ସାହୁ ତୁଡିଗଡିଆଠାରେ ଶହୀଦ ହୋଇଥିଲେ।

